No. 5452/SYS. Dt. 27.6

ଓଡ଼ିଶା ସରକାର
କ୍ରୀଡ଼ା ଓ ଯୁବ ସେବା ବିଭାଗ
ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

## କ୍ରୀଡ଼ାବିତ୍‌ମାନଙ୍କୁ ଆର୍ଥିକ ପୁରସ୍କାର

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ରାଜ୍ୟ ସରକାରଙ୍କ "କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଆର୍ଥିକ ପୁରସ୍କାର ଯୋଜନା" ଅନୁଯାୟୀ, କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରିଥିବା ସଂପୃକ୍ତ କ୍ରୀଡ଼ାବିତ୍‌ମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଉଅଛି । ଅଦ୍ୟାବଧି ଏପ୍ରିଲ ମାସ ୨୦୧୫ ସୁଦ୍ଧା ହସ୍ତଗତ ହୋଇଥିବା ଯୋଗ୍ୟ କ୍ରୀଡ଼ାବିତ୍‌ଙ୍କ ଦରଖାସ୍ତ ବିଚାରକୁ ନିଆଯାଇ ଆବଶ୍ୟକୀୟ ଆର୍ଥିକ ପୁରସ୍କାର ମଂଜୁର କରାଯାଇଅଛି । ଏ ସଂବନ୍ଧୀୟ ସବିଶେଷ ବିବରଣୀ ଏହି ବିଭାଗର ୱେବସାଇଟ୍‌ରେ ଉପଲବ୍ଧ । ଆର୍ଥିକ ପୁରସ୍କାର ମଂଜୁର ଓ ପ୍ରଦାନ ଏକ ନିୟମିତ ପ୍ରକ୍ରିୟା ହୋଇଥିବାହେତୁ ଜାତୀୟ ଓ ଆର୍ନ୍ତଜାତୀୟ କ୍ରୀଡ଼ାରେ ସଫଳତା ହାସଲ ପରେ ସଂପୃକ୍ତ କ୍ରୀଡ଼ାବିତ୍‌ମାନେ ତତକ୍ଷଣାତ୍ କ୍ରୀଡ଼ା ଓ ଯୁବ ସେବା ବିଭାଗକୁ ଆର୍ଥିକ ପୁରସ୍କାର ପାଇଁ ଆବେଦନ କରିପାରିବେ । ପୁନଶ୍ଚ ଏତଦ୍ୱାରା ସମସ୍ତ ଆଗ୍ରହୀ କ୍ରୀଡ଼ାବିତ୍‌ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯଦି କୌଣସି କ୍ରୀଡ଼ାବିତ୍ ୦୧-୦୪-୨୦୧୩ ତାରିଖ ପରଠାରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସଫଳତା ହାସଲ କରିଥିବାସତ୍ତ୍ୱେ ଆର୍ଥିକ ପୁରସ୍କାର ପାଇଁ କ୍ରୀଡ଼ା ଓ ଯୁବ ସେବା ବିଭାଗକୁ ଆବେଦନ ପତ୍ର କୌଣସି କାରଣ ବଶତଃ ଦାଖଲ କରିନାହାନ୍ତି , ସେମାନେ ଏବେ ଆର୍ଥିକ ପୁରସ୍କାର ପାଇଁ ଆବେଦନ କରିପାରିବେ ।

ଏହି ଆର୍ଥିକ ପୁରସ୍କାରର ଆବଶ୍ୟକୀୟ ଦରଖାସ୍ତ ଫର୍ମ ଓ ଏ ସଂବନ୍ଧୀୟ ରାଜ୍ୟ ସରକାରଙ୍କ ଯୋଜନା, କ୍ରୀଡ଼ା ଓ ଯୁବ ସେବା ବିଭାଗ ୱେବସାଇଟ୍ www.dsysodisha.gov.in ରୁ ସଂଗ୍ରହ କରି ଆଗ୍ରହୀ କ୍ରୀଡ଼ାବିତ୍‌ମାନେ କ୍ରୀଡ଼ା ଓ ଯୁବ ସେବା ବିଭାଗ ସି-୧, ନୟାପଲ୍ଲୀ, ଭୁବନେଶ୍ୱର -୭୫୧୦୧୨ କୁ ଯଥାଶିଘ୍ର ଆବେଦନ କରିବାକୁ ଅନୁରୋଧ କରାଯାଉଅଛି ।

(ଶାଶ୍ୱତ ମିଶ୍ର)